## ସଂକ୍ଷେପରେ

### ଗଞ୍ଜାମ ଓକିଲ ସଂଘ ବୈଠକ



**ବ୍ରହ୍ମପୁର ଅଫିସ୍,୧୧।୩:** ଗଞ୍ଜାମ ଓକିଲ ସଂଘର ଏକ ଜରୁରୀ ବୈଠକ ସୋମବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ମୋହନ ସିଂଘାରୀ ଅଧ୍ୟକ୍ଷତା କରିଥିଲେ। ଯେଉଁ ଆଇନଜୀବୀଙ୍କ ସଭ୍ୟ ପଦ ବାର୍ କାଉନସିଲ୍ ଅଫ୍ ଓଡ଼ିଶାରେ ଅନୁମୋଦିତ ହୋଇନାହିଁ, ସେମାନଙ୍କୁ ପୁଣି ଥରେ ସୁଯୋଗ ପ୍ରଦାନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବାର୍ କାଉନସିଲ୍‌କୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୩ତାରିଖରେ ନିର୍ବାଚନ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ଏବଂ ସଂଘର କର୍ମକର୍ତ୍ତାମାନେ ବାର୍ କାଉନସିଲ୍ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କରେ ଆଲୋଚନା କରିବେ । ଚୂଡ଼ାନ୍ତ ଭୋଟର୍ ତାଲିକାରେ ନାମ ନ ଥିବା ପ୍ରାୟ ୩ଶହ ଆଇନ୍‌ଜୀବୀଙ୍କୁ ଭୋଟଦାନ କ୍ଷମତା ପ୍ରଦାନ କରିବାକୁ ଅନୁରୋଧ କରାଯିବ । ବୈଠକରେ ଗଞ୍ଜାମ ଓକିଲ ସଂଘ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ, ଉପସଭାପତି ରବୀନ୍ଦ୍ର ଦେଓ, ସହ ସମ୍ପାଦକ ବାପୁଜୀ ପଟ୍ଟନାୟକ, ବରିଷ୍ଠ ଆଇନ୍‌ଜୀବୀ ଶିଶିର ପାଢ଼ୀ, ପୀତବାସ ପଣ୍ଡା, ଶତ୍ରୁଘ୍ନ ପାତ୍ର, ଜଗନ୍ନାଥ ମିଶ୍ର, ଅରୁଣ ବିଶ୍ୱାଳ ଓ କରୁଣାକର ପାଣିଗ୍ରାହୀଙ୍କ ସମେତ ବହୁ ଆଇନ୍‌ଜୀବୀ ଉପସ୍ଥିତ ଥିଲେ ।

### ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୧୧।୩:** ସାଂସ୍କୃତିକ ପ୍ରତିଷ୍ଠାନ ମଞ୍ଚଜ୍ୟୋତି ଓ ଶିଳାପଦ୍ମ ଅନୁଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳିତ ହୋଇଯାଇଛି । ସୋରଲ ଜଙ୍କସନ ସୁରେଶ ହସ୍ପିଟାଲରେ ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟକାର ଯୁଧିଷ୍ଠିର ଭଞ୍ଜ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଡା. ତିରୁପତି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସଙ୍ଗୀତଜ୍ଞ ଡା. ରବିଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡିଆ ଭାଷାର ପ୍ରାଚୀନତା ତଥା ଶାସ୍ତ୍ରୀୟ ମାନ୍ୟତା ଲାଭର ଯଥାର୍ଥତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମଞ୍ଚଜ୍ୟୋତି ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦିଲ୍ଲୀପ କୁମାର ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ମାର୍ଚ୍ଚ ପହିଲାରୁ ମୁଣ୍ଡଫଟା ଖରା

# ଜିଲାବ୍ୟାପୀ ଖୋଲିଲା ଅଂଶୁଘାତ ୱାର୍ଡ

**ବ୍ରହ୍ମପୁର ଅଫିସ୍,୧୧।୩**

ମାର୍ଚ୍ଚ ପହିଲାରୁ ଗଞ୍ଜାମ ଜିଲାରେ ମୁଣ୍ଡଫଟା ଖରା ଅନୁଭବ ହେଲାଣି। ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଗକୁ ଗ୍ରୀଷ୍ମ ପ୍ରବାହ ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ତରଫରୁ ଅନୁମାନ କରାଯାଉଛି। ଫଳରେ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାବ୍ୟାପୀ ଚିକିତ୍ସାଳୟଗୁଡ଼ିକରେ ଅଂଶୁଘାତ ୱାର୍ଡ଼ ଖୋଲାଯାଇଛି। ଚଳିତ ବର୍ଷ ଅଂଶୁଘାତ ଜନିତ ମୃତ୍ୟୁ ଶୂନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଛି ।

ଗଞ୍ଜାମ ଜିଲାରେ ମାର୍ଚ୍ଚ ପହିଲାରୁ ତାପମାତ୍ରା ୩୪କୁ ଛୁଇଁଲାଣି। ଏହି ସମୟରେ ଘରୁ ପଦାକୁ ନ ବାହାରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ସଚେତନତା କରାଯାଉଛି। ଅଂଶୁଘାତ ଭୟ ଥିବା ଯୋଗୁ ଲୋକଙ୍କୁ ସତର୍କ କରାଯାଉଛି । ବିଭାଗ ତରଫରୁ ଅଂଶୁଘାତ ମୁକାବିଲାକୁ ଗୁରୁତ୍ୱ ଦିଆଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁବାଳା ପଟ୍ଟନାୟକଙ୍କ କହିବାନୁଯାୟୀ, ଖରାର ପରିମାଣ ଆଗାମୀ ଦିନରେ ବଢ଼ିବ। ଏଣୁ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡେଙ୍ଗୁ ୱାର୍ଡ଼ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାୟତଃ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ୱାର୍ଡ଼ ଖୋଲିଗଲାଣି।



ସିଟି ହସ୍‌ପିଟାଲରେ ଖୋଲାଯାଇଥିବା ଅଂଶୁଘାତ ୱାର୍ଡ଼ ।

ଅଂଶୁଘାତରେ ଜଣେ ଆକ୍ରାନ୍ତ ହେବା ପରେ ତାଙ୍କର ଚିକିତ୍ସା ପାଇଁ ଏହି ୱାର୍ଡ଼ଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଶାଇ ମୋଟ ୧୪୧ ଖଟ ପକାଯାଇଛି । ୱାର୍ଡ଼ଗୁଡ଼ିକରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଏବଂ ଏୟାର୍ କୁଲର୍ ଲଗାଯାଇଛି । ମୋଟ ୬୨ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଏବଂ ୬୫ ଏୟାର୍ କୁଲର୍ ଲାଗିଛି । ସେହିଭଳି ଓଆର୍‌ଏସ୍ ସହ ସମସ୍ତ ପ୍ରକାର ଔଷଧ ବହୁ ପରିମାଣରେ ରଖାଯାଇଛି ବୋଲି ଡା. ପଟ୍ଟନାୟକ ପ୍ରକାଶ କରିଛନ୍ତି । ପ୍ରତି ବର୍ଷ ସାଧାରଣତଃ ମାର୍ଚ୍ଚ ୧୫ତାରିଖରୁ ଅଂଶୁଘାତ ୱାର୍ଡ଼ ଖୋଲିବା ପ୍ରକ୍ରିୟା ଆରମ୍ଭ ହୁଏ। ଚଳିତ ବର୍ଷ ଗ୍ରୀଷ୍ମ ଆସି ଯାଇଥିବା ଯୋଗୁ ଆଗୁଆ ୱାର୍ଡ଼ ଖୋଲାଯାଇଛି । ୨୦୧୮ରେ ମୋଟ ୯ ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ସେଥିରୁ ମାତ୍ର ୨ଟି ମୃତ୍ୟୁ ପ୍ରମାଣିତ ହୋଇଥିଲା । ଚଳିତ ବର୍ଷ କେହି ଜଣେ ମଧ୍ୟ ଯେମିତି ଅଂଶୁଘାତରେ ମୃତ୍ୟୁବରଣ ନ କରନ୍ତି, ସେଥି ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ଡା. ପଟ୍ଟନାୟକ କହିଛନ୍ତି ।

ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ବ୍ରହ୍ମପୁର ସିଟି ହସ୍ପିଟାଲ୍‌ରେ ମଧ୍ୟ ଅଂଶୁଘାତ ୱାର୍ଡ଼ ଖୋଲିଛି। ଏଠାରେ ୬ଟି ଖଟ ପକାଯାଇଛି। ପ୍ରଚୁର ପରିମାଣରେ ଔଷଧ ଗଚ୍ଛିତ ରହିଛି । ୱାର୍ଡ଼କୁ ଥଣ୍ଡା ରଖିବା ପାଇଁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଏବଂ କୁଲର୍ ଲଗାଯାଇଥିବା ଭେଷଜ ବିଶେଷଜ୍ଞ ଡା. ପ୍ରମୋଦ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସେହିଭଳି ବ୍ରହ୍ମପୁର କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ମଧ୍ୟ ଅଂଶୁଘାତ ୱାର୍ଡ଼ ଖୋଲିଛି। କାଜୁଆଲ୍‌ଟି ପ୍ରଥମ ମହଲାରେ ଏହି ୱାର୍ଡ଼ ଖୋଲାଯାଇଛି । ୱାର୍ଡ଼ରେ ୫୫ ଖଟ ପଡ଼ିଛି । ଦୁଇଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲଗାଯାଇଛି । ସ୍ୱତନ୍ତ୍ର ଡାକ୍ତର ଏବଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସେହିଭଳି ଶିଶୁ ରୋଗ ବିଭାଗ ଏବଂ ମେଡ଼ିସିନ୍ ବିଭାଗର ନୂତନ କୋଠାରେ ମଧ୍ୟ ଅଂଶୁଘାତ ୱାର୍ଡ଼ ଖୋଲାଯାଇଛି। ମେଡ଼ିସିନ୍ ବିଭାଗରେ ୩ ଏବଂ ଶିଶୁ ରୋଗ ବିଭାଗରେ ୨ ଖଟ ପଡ଼ିଛି। ରୋଗୀଙ୍କ ପାଇଁ ସାଲାଇନ୍, ପିଇବା ପାଣି ଏବଂ ଔଷଧ ରଖାଯାଇଛି । ଯଦି ରୋଗୀଙ୍କ ସଂଖ୍ୟା ବଢ଼ିବ ତେବେ ବେଡ୍ ସଂଖ୍ୟା ବଢ଼ାଯିବ ବୋଲି ଅଧୀକ୍ଷକ ପ୍ରଫେସର ଡା. ଚରଣ ପଣ୍ଡା ପ୍ରକାଶ କରିଛନ୍ତି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ମଧ୍ୟ ଅଂଶୁଘାତ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ବିଜ୍ଞାପନ ଏବଂ ହୋର୍ଡିଂ ମାଧ୍ୟମରେ ଅଂଶୁଘାତର ମୁକାବିଲା ବିଷୟରେ ପରାମର୍ଶ ଦିଆଯାଉଛି ।

# ଡକାୟତ ଗ୍ୟାଙ୍ଗକୁ ଧରିଲା ପୋଲିସ

**ବ୍ରହ୍ମପୁର ଅଫିସ୍,୧୧।୩**

ବ୍ରହ୍ମପୁର ସଦର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ଏକ ଡକାୟତ ଗ୍ୟାଙ୍ଗକୁ ଧରିଛି । ଏହି ଗ୍ୟାଙ୍ଗ୍‌ର ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଖସି ଯାଇଛନ୍ତି। ପୋଲିସ ସେମାନଙ୍କ ନିକଟରୁ ପିସ୍ତଲ ଏବଂ ମାରଣାସ୍ତ୍ର ସହ ବାଇକ୍, ମୋବାଇଲ୍ ଫୋନ ଜବତ କରିଛି । ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ଗୋଟାଏ ୨୦ମିନିଟ୍‌ରେ ବାଲିପଡ଼ା ଗ୍ରାମ ନିକଟସ୍ଥ ଏକ ନିର୍ମାଣାଧୀନ ଘରେ ଏହି ଡକାୟତ ଗ୍ୟାଙ୍ଗ ଏକାଠି ହୋଇଥିବା ସୂଚନା ମିଳିଥିଲା। ସେମାନେ ବାଲିପଡ଼ା ପୋଟ୍ରୋଲ୍ ପମ୍ପରୁ ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ସଦର ଥାନା ଆଇଆଇସି ଭାବାନନ୍ଦ ପ୍ରଧାନ ସଦଳବଳ ଚଢ଼ାଉ କରିଥିଲେ। ୪ଜଣ ଡକାୟତଙ୍କୁ କାବୁ କରାଯାଇଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଜଣେ ଫେରାର୍ ହୋଇ ଯାଇଛନ୍ତି। ଗିରଫମାନେ ହେଲେ ତୋଫାନ୍ ସେଠୀ, ସମ୍ବିର ଖଟ, ୱାଇ.ପୂର୍ଣ୍ଣଚନ୍ଦ୍ର ଓରଫ ଟିଂକି ଏବଂ ସଲିମ୍ ଖାନ୍ । ଗିରଫଙ୍କ ନିକଟରୁ ଗୋଟିଏ ପିସ୍ତଲ, ଗୋଟିଏ ଖଣ୍ଡା, ଦୁଇଟି ଛୁରି, ୩ ମୋବାଇଲ୍ ଫୋନ, ଗୋଟିଏ ବାଇକ୍ ଏବଂ ଗୋଟିଏ ଲୁହା ରଡ଼ ଜବତ କରାଯାଇଛି। ଏନେଇ ସଦର ଥାନାରେ କେସ୍ ନଂ. ୫୯/୧୯ରେ ଦଫା ୩୯୯, ୪୦୨ ଆଇପିସି ଏବଂ ନଂ. ୨୫/୨୭ ଆର୍ମ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି । ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ସଦର ଏସ୍‌ଡିପିଓ ମହାପାତ୍ର ପ୍ରକାଶ କରିଛନ୍ତି ।



ଗିରଫ ଅଭିଯୁକ୍ତମାନେ ।

## ସେଲ୍‌ଫି କର୍ଣ୍ଣର



ପ୍ରଶାନ୍ତ



ସତ୍ୟନାରାୟଣ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


**OFFICE OF THE PRINCIPAL**
**CHIKITI MAHAVIDYALAYA, CHIKITI, GANJAM**
**QUOTATION CALL NOTICE**

Sealed quotations are invited from the manufacturers/ authorized dealers having registration under VAT Act for supply of Science Laboratory Equipments, Chemicals, Glassware, Plant materials to the Science Department of the college for utilizing funds sanctioned by Department of Higher Education, Govt. of Odisha. The Quotation paper and other details should reach the Principal by Speed Post on or before 2 PM on 17th March 2019. The Quotation will be opened before the purchase Committee at 3.30 PM on 17th March 2019. The authority reserves the right to cancel the quotations without assigning any reason thereof. Visit Chikiti Mahavidyalaya website: www.cmvedu.in for further details.

Sd./- Principal
Chikiti Mahavidyalaya



CLASSIFIED DISPLAY













**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable






**ସଂକ୍ଷେପରେ**

## ବ୍ରହ୍ମପୁରରୁ ହଟିଲା ହୋର୍ଡିଂ



**ବ୍ରହ୍ମପୁର ଅଫିସ୍,୧୧।୩:** ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ରବିବାର ଅପରାହ୍ନରେ ନିର୍ବାଚନ ସଂକ୍ରାନ୍ତ ତାରିଖ ଘୋଷଣା କରାଯାଇଛି। ଏହା ସହ ଦେଶରେ ଆଚାର ସଂହିତା ବା ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ଆଚାର ସଂହିତାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି। ସୋମବାର ସକାଳୁ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ନେତାଙ୍କ ହୋର୍ଡିଂକୁ ବାହାର କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଏବଂ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ର ସହଯୋଗରେ ସହର ସାରା ହୋର୍ଡିଂ ବାହାର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ନୂଆବର୍ଷ, ସାଧାରଣତନ୍ତ୍ର ଦିବସ, ପୋଙ୍ଗଲ ସହ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳ ନେତାମାନଙ୍କ ଗସ୍ତକୁ ନେଇ ଗତ କିଛି ମାସ ହେଲା ବ୍ରହ୍ମପୁର ସହର ସାରା ନେତାଙ୍କ ହୋର୍ଡିଂରେ ଭର୍ତ୍ତି ହୋଇଯାଇଥିଲା। ସେଗୁଡ଼ିକୁ ସୋମବାର ସକାଳଠାରୁ ବାହାର କରାଯାଉଛି । କେବଳ ନେତା ନୁହଁନ୍ତି ବିଭିନ୍ନ ସରକାରୀ ଯୋଜନାର ସଫଳତା ସମ୍ପର୍କିତ ହୋର୍ଡିଂକୁ ମଧ୍ୟ କାଢ଼ି ଦିଆଯାଇଛି। ସୂଚନାଯୋଗ୍ୟ,ଥରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ପ୍ରାର୍ଥୀମାନଙ୍କ ନିର୍ବାଚନୀ ଖର୍ଚ୍ଚର ହିସାବ ନିର୍ବାଚନ କମିଶନଙ୍କୁ ଦେବାକୁ ହୋଇଥାଏ। ଏଣୁ ପୂର୍ବରୁ ଯେଉଁ ହୋର୍ଡିଂ ଏବଂ ପୋଷ୍ଟର୍ ମରାଯାଇଛି ସେଗୁଡ଼ିକୁ ବାହାର କରାଯାଏ । ଏହା ପରଠୁ ଯେଉଁ ହୋର୍ଡିଂ ଏବଂ ପୋଷ୍ଟର୍ ମରାଯିବ, ତାହାର ହିସାବ ରହିବ ।

### ସାଧାରଣ ନିର୍ବାଚନ ପ୍ରସ୍ତୁତି ନେଇ ସୂଚନା

# ଆଚରଣ ବିଧି କଡ଼ାକଡ଼ି ପାଳନ ନିର୍ଦ୍ଦେଶ

**ଛତ୍ରପୁର,୧୧।୩(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଓ ଏ ନେଇ ପ୍ରଶାସନ ପକ୍ଷରୁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ସୋମବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉପରୋକ୍ତ ବିଷୟ ସମ୍ପର୍କରେ ସୂଚନା ଦେଇଥିଲେ । କିଭଳି ଗଞ୍ଜାମରେ ଅବାଧ ଓ ନିରପେକ୍ଷ ନିର୍ବାଚନ ହେବ, ସେନେଇ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହଯୋଗ ଜିଲାପାଳ କାମନା କରିଥିଲେ । ରବିବାର ସାଧାରଣ ନିର୍ବାଚନ ନେଇ ଆଚରଣ ବିଧି ଲାଗୁ ହୋଇଛି । ଏହି ପରିପ୍ରେକ୍ଷୀରେ ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ରାଜନୈତିକ ଦଳ ଓ ସରକାରୀ ବିଜ୍ଞାପନଗୁଡ଼ିକୁ ହଟାଯିବ । ଏହି ପ୍ରକ୍ରିୟା ରବିବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି । ନିର୍ବାଚନ ଆଚରଣ ବିଧି ଜିଲାରେ କଡାକଡି ଭାବେ ପାଳନ ହେବ । ଏହାର ମନିଟରିଂ ପାଇଁ ନୋଡାଲ ଅଫିସର ଭାବେ ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ନିଯୁକ୍ତି ଦିଆଯାଇଛି । ଛତ୍ରପୁର ସ୍ଥିତ ଜିଲା ପରିଷଦ ଭବନରେ ଏଥିପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ବ୍ୟବସ୍ଥା କରାଯାଇଛି । ଜିଲାରେ ୩୦୬୩ ବୁଥ୍ ରହିଛି । ସେଥିରୁ ୪୬୬ ବୁଥ୍ କ୍ରିଟିକାଲ ଥିବା ଚିହ୍ନଟ ହୋଇଛି । ତେବେ ଏଥିରେ ପରିବର୍ତ୍ତନ ହୋଇପାରେ ବୋଲି ଜିଲାପାଳ କହିଛନ୍ତି । ଏଥିରୁ ୧୦ ପ୍ରତିଶତ ବୁଥ୍‌ର ୱେବ୍ କାଷ୍ଟିଂ କରାଯିବ । ଫଳରେ ଜନସାଧାରଣ ଓ ଭୋଟର ଅନ୍‌ଲାଇନ୍‌ରେ ବୁଥ୍‌ର ଲାଇଭ୍ ଦେଖିପାରିବେ। ଏଥିସହ ବୁଥ୍‌ଗୁଡିକରେ ସିସିଟିଭି କ୍ୟାମେରା ଓ



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି ।

- ବିଏମ୍‌ସି କମିଶନର ନୋଡାଲ ଅଫସିର ନିଯୁକ୍ତ
- ମଗାଯାଇଛି ୧୦ କେନ୍ଦ୍ରୀୟ ବାଟାଲିୟନ ଫୋର୍ସ
- ୪୬୬ କ୍ରିଟିକାଲ ବୁଥ୍
- ୱେବ କାଷ୍ଟିଂ, ସିସି କ୍ୟାମେରା, ଭିଡିଓ ରେକର୍ଡିଂ ବ୍ୟବସ୍ଥା

ଭିଡିଓ ରେକର୍ଡିଂ ବ୍ୟବସ୍ଥା କରାଯିବ । ନିର୍ବାଚନର ସୁପରିଚାଳନା ଲାଗି ପ୍ରତି ୧୦ ବୁଥ୍ ପାଇଁ ଜଣେ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯିବ । ଜିଲାରେ ମୋଟ ୩୦୭ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ସୂଚନା ଦିଆଯାଇଥିଲା । ନିର୍ବାଚନ ସମୟରେ ତଦାରଖ ପାଇଁ କେନ୍ଦ୍ରୀୟ ଆର୍ମଡ୍ ପୋଲିସ ଫୋର୍ସର ୧୦ ବାଟାଲିୟନ ଦେବାକୁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଥିବା ଜିଲାପାଳ କହିଛନ୍ତି । ତିତ୍‌ଲିରେ କ୍ଷତିଗ୍ରସ୍ତ ପାତ୍ରପୁର ବ୍ଲକ ୨ ବୁଥ୍‌ର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ସୂଚନା ଦିଆଯାଇଥିଲା । ଜିଲାର ୫୦ ବୁଥ୍ ଅଞ୍ଚଳରେ ଇଣ୍ଟରନେଟ୍‌ର ସୁବିଧା ନାହିଁ। ସେଠାରେ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତି ଦିଆଯିବ। ଜିଲାକୁ ୧୫ ଜଣ ଅବଜରଭର ଆସିବେ ବୋଲି କୁହାଯାଇଛି । ଜିଲାରେ ସାଧାରଣ ନିର୍ବାଚନ ପାଇଁ ଭୋଟ କାର୍ଯ୍ୟ ପରିଚାଳନା ନେଇ ପ୍ରତିବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର ଓ ୫ ପୋଲିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟରେ ୨୮ ହଜାର କର୍ମକର୍ତ୍ତାଙ୍କୁ ନିୟୋଜିତ କରାଯାଇଛି । ଚଳିତ ନିର୍ବାଚନ ବେଳେ ପୋଲିଂ ଦଳକୁ ନେବା ପାଇଁ ଟ୍ରକ୍ ଓ ପିକଅପ୍ ଭ୍ୟାନ୍‌ର ବ୍ୟବହାର କରାଯିବନି । ବସ୍ ଓ ଆରାମଦାୟକ ଗାଡିରେ ପୋଲିଂ ଦଳକୁ ନେଇ ବୁଥ୍‌ଗୁଡିକରେ ଛଡାଯିବ ବୋଲି ଜିଲାପାଳ କହିଛନ୍ତି । ଏଥିସହ ପ୍ରତି ବୁଥ୍‌ରେ ଆଲୋକ, ପାନୀୟଜଳ, ପାଇଖାନା ଓ ର୍‍ୟାମ୍ପର ବ୍ୟବସ୍ଥା ପୋଲିଂ ଦଳ ପାଇଁ କରାଯାଇଛି । ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ପ୍ରଥମ ପର୍ଯ୍ୟାୟ ତାଲିମ ଦିଆଯାଇଛି । ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଦିଆଯିବ ବୋଲି ଜିଲାପାଳ କହିଥିଲେ ।

**ପ୍ରାର୍ଥିପତ୍ର ଦାଖଲ**

ଏପ୍ରିଲ ୧୧ରେ ବ୍ରହ୍ମପୁର ଲୋକ ସଭା ଆସନ ଏବଂ ଏହା ଅଧୀନରେ ଥିବା ଛତ୍ରପୁର, ଗୋପାଳପୁର, ଚିକିଟି, ବ୍ରହ୍ମପୁର ଓ ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ । ଏଥିପାଇଁ ମାର୍ଚ୍ଚ ୧୮ରେ ବିଜ୍ଞପ୍ତି, ୨୫ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ, ୨୬ରେ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ୨୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହ ଚୂଡାନ୍ତ ତାଲିକା ପ୍ରକାଶ ପାଇବ । ସେହିପରି ଏପ୍ରିଲ ୧୮ରେ ଆସିକା ଲୋକ ସଭା ଆସନ, ଆସିକା, ସାନଖେମୁଣ୍ଡି, ହିଞ୍ଜିଳି, ପୋଲସରା, ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ସୋରଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ କନ୍ଧମାଳ ଲୋକ ସଭା ଅଧୀନ ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ । ଏଥିପାଇଁ ୧୯ ମାର୍ଚ୍ଚରେ ବିଜ୍ଞପ୍ତି, ୨୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ, ୨୭ରେ ଯାଞ୍ଚ ଏବଂ ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ପରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

**ଜିଲାରେ ୨୮ ଲକ୍ଷ ଭୋଟର**

ଗଞ୍ଜାମ ଜିଲାରେ ମୋଟ ୨୮ ଲକ୍ଷ ୧ ହଜାର ୮୦୯ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ସେଥିମଧ୍ୟରେ ୧୪ ଲକ୍ଷ ୬୬ ହଜାର ୧୦୦ ଜଣ ପୁରୁଷ, ୧୩ ଲକ୍ଷ ୩୫ ହଜାର ୫୧୦ ମହିଳା ଭୋଟର ଏବଂ ୧୯୯ ଜଣ ଅନ୍ୟ ଭୋଟର ରହିଛନ୍ତି । ମିଳିଥିବା ସୂଚନା ଅନୁସାରେ, ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ୨,୨୭,୪୦୧ ଭୋଟର ରହିଥିବା ବେଳେ ଆସିକାରେ ୧,୯୫,୩୨୯, ସୋରଡାରେ ୨,୨୨,୬୭୬, ପୋଲସରାରେ ୨,୩୫,୫୬୩, କବିସୂର୍ଯ୍ୟନଗରରେ ୨,୨୩,୭୩୮, ଖଲ୍ଲିକୋଟରେ ୨,୧୫,୪୮୭, ଛତ୍ରପୁରରେ ୨,୨୧,୩୦୬, ହିଞ୍ଜିଳିରେ ୨,୧୭,୮୫୭, ସାନଖେମୁଣ୍ଡିରେ ୨,୧୩,୨୯୬, ଗୋପାଳପୁରରେ ୨,୦୮,୦୭୬, ବ୍ରହ୍ମପୁରରେ ୨,୦୪,୮୬୭, ଦିଗପହଣ୍ଡିରେ ୨,୧୧,୯୧୬ ଓ ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୨,୦୪,୨୯୭ ଭୋଟର ରହିଛନ୍ତି । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ କବିନ୍ଦ୍ର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କଲେକ୍ଟର (ନିର୍ବାଚନ) ଡ. ବିଜୟାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଘରୁ ବୁଥ୍‌କୁ ସରକାରୀ କର୍ମଚାରୀ ଅଟୋ ଓ ଟାଟା ମ୍ୟାଜିକ୍ ଗାଡିରେ ଭୋଟ ଦେବା ପାଇଁ ଆଣିବେ । ଏଥିସହ ଦିବ୍ୟାଙ୍ଗମାନଙ୍କୁ ବୁଥ୍ ମଧ୍ୟକୁ ନେବା ପାଇଁ ହୁଇଲ୍ ଚେୟାର ବ୍ୟବସ୍ଥା କରାଯାଇଛି । ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସ୍ୱେଚ୍ଛାସେବୀଙ୍କୁ ଏଥିରେ ସହାୟତା କରିବାକୁ ନିୟୋଜିତ କରାଯିବ । ଜିଲାରେ ୪୮ ହଜାର ଦିବ୍ୟାଙ୍ଗ ଭୋଟର ରହିଛନ୍ତି । ଏହି ସଂଖ୍ୟାରେ ବୃଦ୍ଧି ପାଇଁ ମଧ୍ୟ ଉଦ୍ୟମ ଜାରି ରହିଥିବା ଜିଲାପାଳ ସୂଚନା ଦେଇଛନ୍ତି ।

**ଠାକୁରାଣୀ, ଦଣ୍ଡ ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା**

ଗ ଞ୍ଜା ମ
ଜିଲାରେ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୧ ରେ ବ୍ରହ୍ମପୁର ଲୋକ ସଭା ଏବଂ ଏହାର ଅଧୀନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ହେବ । ଏହି ସମୟରେ ଦଣ୍ଡ ଯାତ୍ରା ଚାଲିଥିବ । ଏଣୁ ଏହି ସମୟରେ ଗଞ୍ଜାମ ଜିଲାର ମୁଖ୍ୟ ପର୍ବ ଦଣ୍ଡ ଯାତ୍ରା ହୋଇଥିବାରୁ ଏହା କିଭଳି ସୁରୁଖୁରୁରେ ଚାଲିବ ସେ ଉପରେ ଧ୍ୟାନ ଦିଆଯିବା ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି । ସେହିପରି ଏପ୍ରିଲରେ ଆରମ୍ଭ ହେବାକୁ ଥିବା ବ୍ରହ୍ମପୁର ଠାକୁରାଣୀ ଯାତ୍ରା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବ । ଗଞ୍ଜାମ ପୋଲିସ ଜିଲା ଅଧୀନ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ କରାଯିବ । ନିର୍ବାଚନ ସହ ପର୍ବପର୍ବାଣିର କୌଣସି ସମ୍ପର୍କ ନାହିଁ ଏବଂ ଉଭୟ ଠିକ୍ ଭାବେ ଅନୁଷ୍ଠିତ ହେବ ବୋଲି ଜିଲାପାଳ କହିଛନ୍ତି ।

### ମା’ ବୁଢୀଠାକୁରାଣୀ ଯାତ୍ରା

## ଅସ୍ଥାୟୀ ପୀଠ ଆଗରେ ଶୁଭଖୁଣ୍ଟି ସ୍ଥାପିତ

**ବ୍ରହ୍ମପୁର ଅଫିସ,୧୧।୩**

ବ୍ରହ୍ମପୁର ପ୍ରସିଦ୍ଧ ମା’ ବୁଢୀଠାକୁରାଣୀ ଯାତ୍ରା ପାଇଁ ସୋମବାର ବିଳମ୍ବିତ ରାତ୍ରିରେ ଶୁଭଖୁଣ୍ଟି ସ୍ଥାପିତ ହୋଇଛି । ମା’ଙ୍କ ଯାତ୍ରାସ୍ଥଳ ଦେଶୀ ବେହେରା ସାହି ଅସ୍ଥାୟୀ ପୀଠ ଆଗରେ ବିଳମ୍ବିତ ରାତ୍ରିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଏହା ପୂର୍ବରୁ ମା’ଙ୍କ ଅସ୍ଥାୟୀପୀଠସ୍ଥଳରେ ଯାତ୍ରାର ପରିଚାଳନା ମୁଖ୍ୟ ତଥା ମା’ ବୁଢୀଠାକୁରାଣୀଙ୍କ ପିତା ପି. ଦୁର୍ଗାପ୍ରସାଦ ଦେଶୀବେହେରାଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଦେବାଙ୍ଗ ସମ୍ପ୍ରଦାୟର ସେନାପତିଙ୍କ ସମେତ ବ୍ୟବସାୟୀ ଓ ସାହିବାସୀନ୍ଦା ଯୋଗ ଦେଇଥିଲେ । ଏହି ସଭାରେ ପାରମ୍ପରିକ ଭାବେ ସିଦ୍ଧାନ୍ତି ପଣ୍ଡିତ(ତେଲୁଗୁ ପଣ୍ଡିତ) ପାଞ୍ଜିଗଣନା କରି ଶୁଭଖୁଣ୍ଟି ସ୍ଥାପନର ଶୁଭମୁହୂର୍ତ୍ତ ସମ୍ପର୍କରେ ଅବଗତ କରାଇଥିଲେ । ଯାତ୍ରା ଆରମ୍ଭ ତଥା ମା’ଆଗମନ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସୂଚାଇଥିଲେ । ସିଦ୍ଧାନ୍ତିଙ୍କ ନିର୍ଦ୍ଧାରିତ ଶୁଭବେଳାରେ ପୁଷ୍ଟି ପରିବାର ପକ୍ଷରୁ ଅଣାଯାଇଥିବା ଶୁଭଖୁଣ୍ଟିକୁ ଯାତ୍ରାସ୍ଥଳଠାରୁ ବାଦ୍ୟବାଜଣା ସହ ଏକ ବିରାଟ ପଟୁଆରରେ ବିଭିନ୍ନ ସାହି ପରିକ୍ରମା କରାଯାଇଥିଲା । ଏହାପରେ ମା’ ବୁଢୀଠାକୁରାଣୀଙ୍କ ମନ୍ଦିରକୁ ନିଆଯାଇଥିଲା । ସେଠାରେ ପୂଜାର୍ଚ୍ଚନା, ହୋମ, ଚଣ୍ଡିପାଠ ଅନୁଷ୍ଠିତ ହୋଇଥିଲା । ଏହାପରେ ମା’ ଅବାହନ କରାଯାଇଥିଲା । ମା’ଠାରୁ ଆଜ୍ଞାମାଳ ଅଣାଯାଇ ଶୁଭଖୁଣ୍ଟିରେ ସ୍ଥାପନ କରାଯାଇଥିଲା । ଏହାପରେ ଶୁଭଖୁଣ୍ଟିକୁ ଖାସ୍ବାସାହି, ନଡିଆଗୁର୍ଜି ଦେଇ ଯାତ୍ରା ସ୍ଥଳ ଦେଶୀବେହେରା ସାହି ମଧ୍ୟଭାଗସ୍ଥ ଅସ୍ଥାୟୀପୀଠ ଆଗରେ ସ୍ଥାପନ କରାଯାଇଥିଲା । ଏହା ପରେ ଚଳିତ ବର୍ଷ ଦ୍ୱିବାର୍ଷିକ ମା’ ବୁଢୀଠାକୁରାଣୀଙ୍କ ଯାତ୍ରା ପାଇଁ ପ୍ରସ୍ତୁତି ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି । ପରମ୍ପରା ଅନୁସାରେ ମଙ୍ଗଳବାରରୁ ଅସ୍ଥାୟୀ ପୀଠ ନିର୍ମାଣ କାର୍ଯ୍ୟ ସହ ଯାତ୍ରା ପାଇଁ ଆନୁସଙ୍ଗିକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ । ତେବେ ପରମ୍ପରା ଅନୁଯାୟୀ ମାର୍ଚ୍ଚ ଶେଷ ସପ୍ତାହ ତଥା ଏପ୍ରିଲ ପହିଲାରେ ମା’ଙ୍କ ଯାତ୍ରା ଆରମ୍ଭ ହେବାର ସମ୍ଭାବନା ରହିଥିବା ଯାତ୍ରା ଆୟୋଜକ ପି. ଦୁର୍ଗାପ୍ରସାଦ ଦେଶୀବେହେରା ସୂଚାଇଛନ୍ତି । ଶୁଭଖୁଣ୍ଟି ସ୍ଥାପିତ ହେବାପରେ ମଙ୍ଗଳବାର ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଯାତ୍ରା ପାଇଁ ଅନୁମତି ମଗାଯିବ । ପ୍ରତିଥର ଭଳି ଚଳିତ ବର୍ଷ ମଧ୍ୟ ପ୍ରଶାସନ ପକ୍ଷରୁ ଯାତ୍ରା ପାଇଁ ଏକମାସ ଅନୁମତି ମିଳିବା ନେଇ ଆଶା ରହିଥିବା ଯାତ୍ରା ପରିଚାଳନା ସହଯୋଗୀ ସତ୍ୟନାରାୟଣ ନନ୍ଦ ସୂଚାଇଛନ୍ତି ।



ଯାତ୍ରା ପାଇଁ ଅସ୍ଥାୟୀ ପୀଠ ଆଗରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି ।

## ଇଂଲିଶରେ କପି କରି ଧରାପଡ଼ିଲେ ୫

**ବ୍ରହ୍ମପୁର ଅଫିସ୍,୧୧।୩:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସଞ୍ଚାଳିତ ଯୁକ୍ତ ୨ କଳା ଇଂଲିଶ ପରୀକ୍ଷା ସୋମବାର ଦକ୍ଷିଣାଞ୍ଚଳର ୮ ଜିଲାରେ ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫ଜଣ ପରୀକ୍ଷାର୍ଥୀ କପିକରି ଧରାପଡ଼ିଛନ୍ତି । କୋରାପୁଟ ଜିଲା ନାରାୟଣପାଟଣା ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ମାଲକାନଗିରି ପଡ଼ିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ନବରଙ୍ଗପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ରାୟଗଡ଼ା ଜିଲା ଗୁଣପୁର ଥାୟାରାମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଏବଂ ଗୁଡ଼ାରୀସ୍ଥିତ ବିଜ୍ଞାନ ଉଚ୍ଚ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ଜୋନାଲ୍ ସ୍କ୍ୱାର୍ଡ଼ ହାତରେ ଧରାପଡ଼ିଛନ୍ତି ବୋଲି ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି ।

# ଆରମ୍ଭ ହେଲା ସିଭିଲ ସର୍ଭିସ କୋଚିଂ

**ବ୍ରହ୍ମପୁର ଅଫିସ,୧୧।୩**

ଦକ୍ଷିଣ ଓଡିଶାର ବିଦ୍ୟାର୍ଥୀଙ୍କ ମଧ୍ୟରେ ସିଭିଲ ସର୍ଭିସ ପରୀକ୍ଷା ସମ୍ପର୍କରେ ସଚେତନ ତଥା ସିଭିଲ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ବିଦ୍ୟାର୍ଥୀଙ୍କୁ ସୁବିଧାରେ କୋଚିଂ ଦେବା ଉଦ୍ଦେଶ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୦୧୭ରୁ ସିଭିଲ ସର୍ଭିସ କୋଚିଂ ଆରମ୍ଭ ହୋଇଛି । ଚଳିତ ବର୍ଷ ଏହା ତୃତୀୟ ବର୍ଷରେ ପଦାର୍ପଣ କରିଛି । ସୋମବାରରୁ ବିଶ୍ୱବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ପାଇଁ ସିଭିଲ ସର୍ଭିସ କୋଚିଂ ଶୁଭାରମ୍ଭ ହୋଇଛି । ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଅତିଥି ଭାବେ ଯୋଗଦେଇ କୋଚିଂ ସେଣ୍ଟର ଶୁଭାରମ୍ଭ କରିଛନ୍ତି । ସିଭିଲ ସର୍ଭିସର ପରୀକ୍ଷା ସମ୍ପର୍କରେ ଏସ୍‌ପି ଅବଗତ କରାଇବା ସହ ପ୍ରତିଯୋଗିତା ମନୋବୃତ୍ତି ନେଇ ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି । କୋଚିଂର କୋର୍ଡିନେଟର ଡ. ସ୍ନିଗ୍ଧା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଭାଗୀରଥି ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶାସନିକ ଅଧିକାରୀଙ୍କ ସମାଜ ତଥା ଦେଶପ୍ରତି ଥିବା ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ ।




ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏସ୍‌ପି ଓ ଅନ୍ୟମାନେ ।

**ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ**

- ୩ ମାସ ଅଧ୍ୟୟନ କରିବେ ୬୦ ବିଦ୍ୟାର୍ଥୀ

ଆସିଷ୍ଟାଣ୍ଟ କୋର୍ଡିନେଟର ସଦାନନ୍ଦ ନାୟକ ପରିଚାଳନାରେ ସହଯୋଗ କରିଥିଲେ । ଚଳିତ ବର୍ଷ ସିଭିଲ ସର୍ଭିସ କୋଚିଂ ପାଇଁ ୬୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି । ଏହି ଛାତ୍ରୀଛାତ୍ରମାନଙ୍କୁ ୩ ମାସ ଧରି ଆଗାମୀ ସିଭିଲ ସର୍ଭିସ ପରୀକ୍ଷା ପାଇଁ ଆବଶ୍ୟକ ଶିକ୍ଷା ପ୍ରଦାନ କରାଯିବ । ଏଥିପାଇଁ ଓଡିଶା ବାହାରୁ ବିଭିନ୍ନ ପ୍ରଶାସନିକ ସେବା ତଥା ସିଭିଲ ସର୍ଭିସ ପରୀକ୍ଷାର ବିଭିନ୍ନ ବିଷୟ ଉପରେ ପାରଦର୍ଶିତା ଲାଭ କରିଥିବା ଶିକ୍ଷାବିତ ଯୋଗଦେଇ ଶିକ୍ଷା ପ୍ରଦାନ କରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।

### ସଚେତନତା ସତ୍ତ୍ୱେ ବଦଳୁନି ଅଭିଭାବକଙ୍କ ମାନସିକତା

# ସହରୀ ଶିଶୁ ଖାଉନାହାନ୍ତି ପୋଲିଓ ବୁନ୍ଦା

**ବ୍ରହ୍ମପୁର ଅଫିସ୍,୧୧।୩**

ଭାରତରୁ ପୋଲିଓକୁ ଏକ ପ୍ରକାର ମୂଳୋତ୍ପାଟନ କରାଯାଇ ପାରିଛି । କେବଳ ସରକାରୀ ନୁହଁ, ବେସରକାରୀ ଅନୁଷ୍ଠାନଗୁଡ଼ିକ ଉଦ୍ୟମ ଯୋଗୁ ଏହି ସଫଳତା ମିଳିପାରିଛି । ପୋଲିଓକୁ ନେଇ ଭାରତୀୟ ଅଭିଭାବକଙ୍କ ମନରେ ଥିବା ବିଭିନ୍ନ ଦ୍ୱନ୍ଦ୍ୱ ଏବଂ ଭୟକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା କେତେ ପରିମାଣରେ ଦୂର କରାଯାଇ ପାରିଛି । ତଥାପି ବହୁ ଅଭିଭାବକ ଏଯାଏ ସଚେତନ ହୋଇନାହାନ୍ତି । ଗ୍ରାମାଞ୍ଚଳର ଅଭିଭାବକ ସଚେତନ ହୋଇପାରିଛନ୍ତି । କିନ୍ତୁ ସହରାଞ୍ଚଳର ଅଭିଭାବକଙ୍କ ମାନସିକତା ବଦଳି ପାରିନି । ଫଳରେ ସହରାଞ୍ଚଳରେ ପୋଲିଓ ବୁନ୍ଦା ଖୁଆଇବା କାର୍ଯ୍ୟକ୍ରମଗୁଡ଼ିକ ସଫଳ ହୋଇପାରୁନି । ରବିବାର ଗଞ୍ଜାମ ଜିଲାରେ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମାଞ୍ଚଳରେ ପ୍ରାୟ ୭୫ପ୍ରତିଶତ ସଫଳତା ମିଳିଛି । ହେଲେ ସହରାଞ୍ଚଳରେ ସଫଳତା ୭୦ପ୍ରତିଶତ ମଧ୍ୟ ଛୁଇଁ ପାରିନି ।

ଚଳିତ ଥର ୩ଲକ୍ଷ ୫୫ହଜାର ୩୩୦ ଶିଶୁଙ୍କୁ ପୋଲିଓ ଖୁଆଇବାକୁ ଲକ୍ଷ୍ୟ ରଖାଯାଇଥିଲା । ସେଥିରୁ ୨ଲକ୍ଷ ୬୨ହଜାର ୯୮ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି । ଜିଲାବ୍ୟାପୀ ସଫଳତା ମିଳିଛି । ମାତ୍ର ୭୩.୭୬ ପ୍ରତିଶତ । ହେଲେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଫଳାଫଳକୁ ତର୍ଜମା କଲେ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି । ଜିଲାର ୨୨ ବ୍ଲକର ଗ୍ରାମାଞ୍ଚଳରେ ୩ଲକ୍ଷ ୧୩ହଜାର ୭୫୧ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାକୁ ଲକ୍ଷ୍ୟ ରଖାଯାଇଥିଲା । ସେଥିରୁ ୨ଲକ୍ଷ ୩୪ ହଜାର ୧୩୩ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି । ଅର୍ଥାତ୍ ୭୪.୬୨ପ୍ରତିଶତ ସଫଳତା ମିଳି ପାରିଛି । ଯାହା ମୋଟ ହାରଠାରୁ ଅଧିକ । ବ୍ଲକ ଅନୁଯାୟୀ ଦେଖିଲେ, ଚିକିଟି ବ୍ଲକରେ ୮୫.୩୨ପ୍ରତିଶତ ସଫଳତା ମିଳିଛି । ୧୧ହଜାର ୮୧ ମଧ୍ୟରୁ ୯ ହଜାର ୪୫୪ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି । କୁକୁଡ଼ାଖଣ୍ଡି ବ୍ଲକରେ ୧୩ ହଜାର ୪୮୯ ମଧ୍ୟରୁ ୧୧ହଜାର ୩୪୨ ଅର୍ଥାତ୍ ୮୪.୦୮ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି । ସେହିଭଳି ଆସିକା ବ୍ଲକରେ ୮୨.୯୨ପ୍ରତିଶତ ସଫଳତା ମିଳିଥିବା ବେଳେ ବୁଗୁଡ଼ା ବ୍ଲକରେ ୭୯.୫୬, ସାନଖେମୁଣ୍ଡି ବ୍ଲକରେ ୭୯.୩୩, ଶେରଗଡ଼ ବ୍ଲକରେ ୭୮.୭୯, ହିଞ୍ଜିଳିକାଟୁ ବ୍ଲକରେ ୭୮.୧୭ ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି । ଅନ୍ୟ ବ୍ଲକଗୁଡ଼ିକରେ ମଧ୍ୟ ଆଶାନୁଯାୟୀ ସଫଳତା ମିଳିଛି ।

- ଘରକୁ ଘର ବୁଲି ବୁନ୍ଦା ଖୁଆଇଲେ ଆଶା କର୍ମୀ
- ଗ୍ରାମାଞ୍ଚଳରେ ମିଳିଲା ୭୪.୬୨ ସଫଳତା
- ୭୦ପ୍ରତିଶତ ଛୁଇଁପାରିଲାନି ସହରାଞ୍ଚଳ

ଧରାକୋଟ ଭଳି ପଛୁଆ ବ୍ଲକରେ ମଧ୍ୟ ୭୫.୯୪ପ୍ରତିଶତ ଶିଶୁଙ୍କୁ ବୁନ୍ଦା ଖୁଆଇ ଦିଆଯାଇଛି ।

ଅନ୍ୟପଟେ ବ୍ରହ୍ମପୁର ପୌରାଞ୍ଚଳରେ ୩୩ହଜାର ୩୭ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ସେଥିରୁ ୨୨ହଜାର ୪୫୫ଜଣ ଶିଶୁ ପୋଲିଓ ବୁନ୍ଦା ନେଇଛନ୍ତି । ଅର୍ଥାତ୍ ସଫଳତା ହାର ହେଲା ମାତ୍ର ୬୭.୯୭ପ୍ରତିଶତ । ସହରରେ ୧୨୦ କେନ୍ଦ୍ର ଖୋଲା ଯାଇଥିଲେ ମଧ୍ୟ ଆଶା ଅନୁଯାୟୀ ଅଭିଭାବକମାନେ ଶିଶୁଙ୍କୁ ନେଇ ଆସି ନ ଥିଲେ । ଟିକା କରଣ କେନ୍ଦ୍ର(ପିପିସି)ଗୁଡ଼ିକରେ ବହୁ କମ୍ ସଂଖ୍ୟାରେ ଶିଶୁ ଆସିଥିଲେ । ପିପିସି ଆସିକା ଅଧୀନରେ ୩ହଜାର ୭୩ଜଣଙ୍କୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୯୪୪ଶିଶୁ ବୁନ୍ଦା ଖାଇଛନ୍ତି । ୬୩.୨୬ପ୍ରତିଶତ ସଫଳତା ମିଳିଛି । ପିପିସି ଭଂଜନଗର ଅଞ୍ଚଳରେ ୩ହଜାର୮୧ ମଧ୍ୟରୁ ୨ହଜାର୬୪ଜଣ ଅର୍ଥାତ୍ ୬୬.୯୯ପ୍ରତିଶତ ଶିଶୁ ବୁନ୍ଦା ଖାଇଛନ୍ତି । ପିପିସି ଛତ୍ରପୁରରେ ୨୩୮୮ ମଧ୍ୟରୁ ୧୫୦୨ଜଣ ଅର୍ଥାତ୍ ୬୨.୯୦ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି ।

ବ୍ୟାପକ ସଚେତନତା ସତ୍ତ୍ୱେ ଅଭିଭାବକଙ୍କ ମନରେ ପୋଲିଓ ବୁନ୍ଦାକୁ ନେଇ ବିଭିନ୍ନ ପ୍ରକାର ଭ୍ରାନ୍ତି ଧାରଣା ରହିଥିବା ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି । ସେଥିପାଇଁ ସୋମବାର ଷ୍ଟେଟ୍ ନୋଡାଲ ଅଫିସର ଡା. ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଅଞ୍ଚଳକୁ ପରିଦର୍ଶନରେ ଯାଇଥିଲେ । ଅଭିଭାବକଙ୍କ ସହ କଥା ହୋଇଥିଲେ । ଯେଉଁ ଶିଶୁମାନେ ପୋଲିଓ ପାଇବାରୁ ବଞ୍ଚିତ, ସେମାନଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ । ବିଭିନ୍ନ ପ୍ରକାର ଭ୍ରାନ୍ତି ଧାରଣା ଦୂର କରିଥିଲେ ।



ଘରକୁ ଘର ବୁଲି ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବା ସହ ଅଭିଭାବକଙ୍କୁ ସଚେତନ କରାଯାଉଛି ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୧୯ | Berhampur, Tuesday, March 12/ 2019

# ଡିଡବ୍ଲ୍ୟୁଓ, ଡିସିପିଓଙ୍କୁ ବରଖାସ୍ତ ଦାବିରେ ବିକ୍ଷୋଭ

ଫୁଲବାଣୀ ଅଫିସ, ୧୧।୩

କନ୍ଧମାଳ ଜିଲାରେ ବଢୁଥିବା ନାବାଳିକା ବଳାତ୍କାର, ଅସଦାଚରଣ ବିରୋଧରେ ମହିଳା ଅଧିକାର ଅଭିଯାନ ଓ ଜିଲା ନାରୀ ସଂଘ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏସବୁ ଘଟଣାକୁ ଜିଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ବହିଷ୍କାର କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ସଂଘ ପକ୍ଷରୁ ମାଦିକୁନ୍ଦା ଛକରୁ ରାଲି ବାହାରି ସହର ପରିକ୍ରମା କରିଥିଲା । ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ୭ ତାରିଖରେ ପକନାଗାଁ ସେବାଶ୍ରମର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କଲେ, ଯାହାକି ଅତ୍ୟନ୍ତ ନିନ୍ଦନୀୟ । ସେହିପରି ୨୦୧୮ରେ ଜିଲାରେ ୫୦ରୁ ଊର୍ଦ୍ଧ୍ୱ ନାବାଳିକା ଗର୍ଭବତୀ ହେବା ଘଟଣା ଲଜ୍ଜାଜନକ । ଏସବୁ ଘଟଣାକୁ ନେଇ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସେବାଶ୍ରମରେ ପଢ଼ାଇବାକୁ ଡରିଲେଣି। ଆବାସିକ କନ୍ୟାଶ୍ରମରେ ପୁରୁଷ ଶିକ୍ଷକ ନିଯୁକ୍ତି ପଛରେ ଜିଲା ମଙ୍ଗଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ହାତ ରହୁଛି । ଅପ୍ରୀତିକର ଘଟଣା ଘଟିଲେ ସବୁବେଳେ ଚପାଇ ଦେବାକୁ ଉଦ୍ୟମ କରାଯାଉଛି। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଧ୍ୟ ଅଧିକାଂଶ ସମୟରେ ଛାତ୍ରୀଙ୍କ ଉପରେ ଚାପ ପକାଇ ରିପୋର୍ଟ ବଦଳାଇ ଦେଉଛନ୍ତି। ତେଣୁ ଏହି ଦୁଇ ଅଧିକାରୀଙ୍କୁ ବରଖାସ୍ତ କରି ତୁରନ୍ତ କଠୋର ଦଣ୍ଡବିଧାନ କରିବାକୁ ଅଭିଯାନର ସଭାପତି କୁନି ମଲ୍ଲିକ, ସମ୍ପାଦିକା ରେଶମା ଦିଗାଲ, ଗୀତାଞ୍ଜଳି କହଁର, ସାମାଜିକ କର୍ମୀ ଅଶୋକ ପରିଡା ପ୍ରମୁଖ ଦାବି କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଚାଲିଛି।

# ସ୍ତ୍ରୀ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ବୁଗୁଡ଼ା,୧୧।୩(ଡି.ଏନ.ଏ.)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଉପରିଭାଗ ଗ୍ରାମରେ ଗୁରୁବାର ରାତିରେ ଅନିତା ମଲିକଙ୍କ ମୃତ୍ୟୁ ଘଟିଥିଲା। ଝିଅକୁ ହତ୍ୟା କରାଯାଇଥିବା ଅନିତାଙ୍କ ମା'କାବେରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ସ୍ଥାନୀୟ ଥାନାରେ ନଂ. ୪୩/୧୯ରେ ହତ୍ୟା ମାମଲା ରୁଜୁ ହୋଇଥିଲା। ପୋଲିସ ସୋମବାର ଅଭିଯୁକ୍ତ ସ୍ୱାମୀ ହରଷ ମଲିକଙ୍କୁ କୋର୍ଟଚାଲାଣ କରିଛି ।

ଅନିତାଙ୍କ ମୃତ୍ୟୁକୁ ଶାଶୁଘର ଲୋକେ ଆତ୍ମହତ୍ୟା ବୋଲି କହୁଛନ୍ତି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ବୁଗୁଡ଼ା ପୋଲିସ କହିଛି ।

### ବିଦ୍ୟୁତ୍ ଆଘାତରେ ରାଜମିସ୍ତ୍ରିଙ୍କ ମୃତ୍ୟୁ, ୨ ଗୁରୁତର

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଭଞ୍ଜନଗର,୧୧।୩(ଡି.ଏନ.ଏ.)

ଭଞ୍ଜନଗର ଥାନା ମୁଦୁଲିପଲ୍ଲୀ ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଜିଲୁଣ୍ଡି ଗ୍ରାମର ନାରାୟଣ ଗୌଡ଼। ଆହତ ଜିଲୁଣ୍ଡିର ଭିକାରି ବେହେରା ଓ ଜୟରାମ ପ୍ରଧାନଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାମ ପାଇଁ ନାରାୟଣ ଲୁହା ଛଡ଼ଗୁଡ଼ିକୁ ଟେକୁଥିବା ବେଳେ ତାହା କୋଠା ନିକଟ ଦେଇ ଯାଇଥିବା ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ନାରାୟଣ ଗୁରୁତର ହୋଇପଡିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଭିକାରୀ ଓ ଜୟରାମ ଆହତ ହୋଇଥିଲେ ।ଘଟଣାସ୍ଥଳରେ ନାରାୟଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜିଲୁଣ୍ଡିରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିବାରୁ କିଛି ସମୟ ପାଇଁ ଭଞ୍ଜନଗର-ବ୍ରହ୍ମପୁର ମୁଖ୍ୟରେ ଯାନବାହନ ଚଳାଚଳ ବନ୍ଦ ଥିଲା । ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ପ୍ରଶାସନ ପକ୍ଷରୁ ନାରାୟଣଙ୍କ ପରିବାରକୁ ତତ୍କାଳ ରେଡ଼କ୍ରସରୁ କିଛି ଅର୍ଥ ସହାୟତା ଯୋଗାଇ ଦିଆଯାଇଛି ।

# ଗାଙ୍ଗପୁର ପୋଲିସର ଫ୍ଲାଗ୍ ମାର୍ଚ୍ଚ

ଆସିକା,୧୧।୩ (ଡି.ଏନ୍.ଏ.):

ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାରେ କିଭଳି ସମାପନ କରାଯିବ ସେ ନେଇ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସୋମବାର ଗାଙ୍ଗପୁର ଥାନା ଇଲାକାରେ ବଡ ବୋରସିଙ୍ଗି, ସାନ ବୋରସିଙ୍ଗି ଆଦି ଗ୍ରାମାଞ୍ଚଳରେ ଭଞ୍ଜନଗର ଉପଖଣ୍ଡ ପୋଲିସ ଅଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି । ପୋଲିସ ପ୍ରତି ଜନସାଧାରଣଙ୍କ ଆସ୍ଥା ଅତୁଟ ରଖିବା ଓ ଆଇନ ଶୃଙ୍ଖଳା ପ୍ରତି ସାଧାରଣରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଏପରି କାର୍ଯ୍ୟକ୍ରମ କରାଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। । ଗାଙ୍ଗପୁର ଥାନା ଇଲାକାରେ ପ୍ରାୟ ୨୦ ଗ୍ରାମ ସମ୍ବେଦନଶୀଳ ଚିହ୍ନଟ ହୋଇଥିବା ବେଳେ ପର୍ଯ୍ୟାୟ କ୍ରମେ ସେଠାରେ ଫ୍ଲାଗ ମାର୍ଚ୍ଚ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ସବଇନ୍ସପେକ୍ଟର ସତ୍ୟଜିତ ବେଣିଆଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ଫ୍ଲାଗମାର୍ଚ୍ଚ କରିଥିଲେ ।


ବଡ଼ ବୋରସିଙ୍ଗି ଗ୍ରାମରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ

# ବନ୍ଧୁକ ଜବତ, ଜଣେ ଗିରଫ

ଫିରିଙ୍ଗିଆ, ୧୧।୩

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଫିରିଙ୍ଗିଆ ପୋଲିସ ଗତ କିଛିଦିନ ହେବ ବିଭିନ୍ନ ଗାଁରେ ଚଢ଼ାଉ ଜାରି ରଖିଛି । ସୋମବାର ପାଟ୍ରୋଲିଂ ବେଳେ ଜଣେ ବ୍ୟକ୍ତିଙ୍କ ପାଖରୁ ବେଆଇନ ବନ୍ଧୁକ ଜବତ ହୋଇଛି। ବନ୍ଧୁକ ରଖିବା ଅଭିଯୋଗରେ କେଲାପଡା ପଞ୍ଚାୟତ କ୍ରାଣ୍ଡିବାଲିର ଘନଶ୍ୟାମ କହଁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓଙ୍କ ନେତୃତ୍ୱରେ ଏସ୍ଆଇ ବିଭୁଦତ୍ତ ଶର୍ମା, ହାବିଲଦାର ଚନ୍ଦ୍ରମଣି ପ୍ରଧାନ, ଲକ୍ଷ୍ମୀଧର କହଁର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।

## ସଂକ୍ଷେପରେ

### ନଡ଼ିଆ ଗଛରୁ ପଡ଼ି ଜଣେ ମୃତ

ଶେରଗଡ଼,୧୧।୩(ଡି.ଏନ୍.ଏ.)-ଶେରଗଡ଼ ଥାନା ତାକରଡ଼ା ପଞ୍ଚାୟତ ପଞ୍ଚୁଆଣି ଗ୍ରାମରେ ସୋମବାର ନଡ଼ିଆ ଗଛରୁ ପଡ଼ି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଡମ୍ବରୁ ବେହେରା। ଡମ୍ବରୁ ନଡ଼ିଆ ତୋଳିବା ପାଇଁ ଦଉଡି ସାହାଯ୍ୟରେ ଗଛରେ ଚଢୁଥିବା ବେଳେ ହଠାତ୍ ତାହା ଛିଡି ଯାଇଥିଲା। ଫଳରେ ଡମ୍ବରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଶେରଗଡ଼ ଡାକ୍ତରଖାନାକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଚନ୍ଦ୍ରଗିରିରୁ ହଟିଲା ହୋର୍ଡିଂ

ଚନ୍ଦ୍ରଗିରି,୧୧।୩(ଡି.ଏନ୍.ଏ.)
ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ରବିବାର ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା କରାଯିବା ପରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଗଜପତି ଜିଲା ପ୍ରଶାସନ ପଦକ୍ଷେପ ନେଇଛି। ସୋମବାର ଅପରାହ୍ଣରେ ସ୍ଥାନୀୟ ଏଡିଏମ୍ ସ୍ୱାଧାଦେବୀ ସିଂଙ୍କ ଉପସ୍ଥିତିରେ ଚନ୍ଦ୍ରଗିରି ଅଞ୍ଚଳରେ ଲାଗିଥିବା ବିଭିନ୍ନ ରାଜନୈତିକ ନେତା, ସରକାରୀ ଯୋଜନା ସମ୍ପର୍କିତ ହୋର୍ଡିଂକୁ ବାହାର କରି ଦିଆଯାଇଛି।

### ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

କନିଷି,୧୧।୩(ଡି.ଏନ.ଏ.)-ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହଳଦିଆପଦର ପଞ୍ଚାୟତରେ ଭାଜପା ପକ୍ଷରୁ ରବିବାର ବିଜୟ ସଙ୍କଳ୍ପର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଥ୍ କମିଟି ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ୧୯ ବର୍ଷର ବିଫଳତା ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ନିର୍ବାଚନ ମଣ୍ଡଳୀରେ ଭାଜପା କିଭଳି ବିଜୟ ଲାଭ କରିବ ସେ ନେଇ ନେତା, କର୍ମୀମାନେ ନିଜ ମତ ଦେଇଥିଲେ। ଭାଜପା ଶକ୍ତିକେନ୍ଦ୍ରର ପ୍ରମୁଖ ସନ୍ତୋଷ କୁମାର ସାହୁ, ସମ୍ପାଦକ ଡି. ସନ୍ତୋଷ କୁମାର ଦୋରା, ବରିଷ୍ଠ ନେତା ଶମ୍ଭୁ ଭାଇ, ଦେବରାଜ ବେହେରା, ବିନୋଦ ପାଣିଗ୍ରାହୀ, ପ୍ରମୋଦ ସାହୁ, ରାମଚନ୍ଦ୍ର ଦାଶ, ଅଭୟ ସାହୁ, ବାଲ୍ମୀକି ସାହୁ, ଦେବରାଜ ସାହୁଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ ।

### ବୁଗୁଡ଼ା ସହରରୁ ହଟିଲା ହୋର୍ଡିଂ

ବୁଗୁଡ଼ା,୧୧।୩(ଡି.ଏନ.ଏ.)- ନିର୍ବାଚନ କମିଶନଙ୍କ ପକ୍ଷରୁ ରବିବାର ତାରିଖ ଘୋଷଣା ସହ ସାରା ଦେଶରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଚାର ସଂହିତାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନ ପକ୍ଷରୁ ସୋମବାର ପଦକ୍ଷେପ ନିଆଯାଇଛି। ବୁଗୁଡ଼ା ଏନ୍ଏସି ଓ ପୋଲିସ ପ୍ରଶାସନ ପକ୍ଷରୁ ବୁଗୁଡ଼ା ସହରରେ ଲାଗିଥିବା ବିଭିନ୍ନ ରାଜନୈତିକ ଦଳ ନେତା ଓ କର୍ମୀଙ୍କ ହୋର୍ଡିଂକୁ ବାହାର କରାଯାଇଛି । ଗତ କିଛିମାସ ହେଲା ନେତାଙ୍କ ହୋର୍ଡିଂରେ ଭର୍ତ୍ତି ହୋଇଯିବା ସହ ରାସ୍ତାଘାଟରେ ବିଭିନ୍ନ ଦଳର ଦଳୀୟ ପତାକା ମଧ ଲଗାଯାଇଥିଲା। ସେଗୁଡ଼ିକୁ ହଟାଯାଇଛି। ଏଥିସହ କେବଳ ନେତାଙ୍କ ନୁହେଁ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରୀ ଯୋଜନାର ସଫଳତା ସମ୍ପର୍କିତ ହୋର୍ଡିଂକୁ ମଧ ଦ୍ୱାରା ହଟାଯାଇଛି ।

### ବାଇକ୍ ଧକ୍କାରେ ଯୋଗାଣ ସହାୟକ ମୃତ୍ୟୁ ଘଟଣା

# ଚାଳକ କୋର୍ଟ ଚାଲାଣ

ଶଙ୍କରାଖୋଲ,୧୧।୩(ଡି.ଏନ୍.ଏ.)

ଟିକାବାଲି ଥାନା ଶଙ୍କରାଖୋଲ ଗ୍ରାମରେ ବାଇକ୍ ଧକ୍କାରେ ଶଙ୍କରାଖୋଲ ପଞ୍ଚାୟତର ଯୋଗାଣ ସହାୟକ ପ୍ରଭାତ କୁମାର ସାହୁଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଚାଳକ ଗୁରେଖ ପ୍ରଧାନଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଏ ନେଇ ନଂ.୬/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଆଦିତ୍ୟ କୁମାର ସେଠୀ କହିଛନ୍ତି। ଜାନୁୟାରୀ ୩୦ରେ ପ୍ରଭାତ ଶଙ୍କରାଖୋଲ ପଞ୍ଚାୟତ କାର୍ଯ୍ୟାଳୟରୁ କଲେଜପଟକୁ ବାଇକ୍‌ରେ ଯାଉଥିବାବେଳେ ବିପରୀତ ଦିଗରୁ ଗୁରେଖ ବାଇକ୍‌ରେ ଆସି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା।

### ଶିକ୍ଷକଙ୍କୁ ହତ୍ୟା ଉଦ୍ୟମ ମାମଲା

# ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୧୧।୩(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ସୋମବାର ଡେ଼ଙ୍ଗାଓସ୍ତା କୈଳାସପୁର ଗ୍ରାମର ଧୋବା ମହାରଣାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଭୀଷ୍ମଗିରି ଗ୍ରାମ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବ୍ରହ୍ମପୁର ବଡ଼ ବଜାର ଥାନା ପାଣ୍ଡବ ନଗରର ମନୋଜ କୁମାର ନାୟକଙ୍କୁ ଗତ ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଅଭିଯୁକ୍ତ ଧୋବା ହତ୍ୟା ଉଦ୍ୟମ କରିଥିଲେ। ଡ଼ାକ୍ତରଖାନାରେ ବ୍ୟବହୃତ ସର୍ଜିକାଲ ବ୍ଲେଡ ଦ୍ୱାରା ଶିକ୍ଷକଙ୍କ ବେକ, ମୁହଁ ଓ ଛାତିକୁ ଅତର୍କିତ ଆକ୍ରମଣ କରିଥିଲେ । ଶିକ୍ଷକ ଜଣକ ସଉଦା ପାଇଁ ଡେ଼ଙ୍ଗାଓସ୍ତା ବଜାରକୁ ଆସିଥିଲେ। ସଉଦା କିଣିବା ପରେ ଅମିୟ ରାଉତଙ୍କ ଦୋକାନରେ ଚାହା ପିଉଥିଲେ। ଧୋବା ନିଶାସକ୍ତ ଅବସ୍ଥାରେ ଶିକ୍ଷକଙ୍କୁ ବ୍ଲେଡ ଦ୍ୱାରା ଆକ୍ରମଣ କରିଥିଲେ। ଗୁରୁତର ଶିକ୍ଷକଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଶିକ୍ଷକ ଜଣକ ରବିବାର ସନ୍ଧ୍ୟାରେ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଆଇଆଇସି ଗୌରାଙ୍ଗ ଚରଣ ସାହୁ ଘଟଣାର ତଦନ୍ତ କରି ଥାନା ମାମଲା ନଂ. ୪୨/୧୯ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ସୋମବାର ସକାଳ ପ୍ରାୟ ୭ଟାରେ ତଦନ୍ତକାରି ପୋଲିସ ଅଧିକାରୀ ଅଭିଯୁକ୍ତଙ୍କ ଘରୁ ଗିରଫ କରିଥିଲେ। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି ।

# ଭାଜପାର ବିଜୟ ସଂକଳ୍ପ ଅଭିଯାନ

ଗଞ୍ଜାମ,୧୧।୩(ଡି.ଏନ.ଏ.)


ବ୍ଲକ ଭାଜପାର ବିଜୟ ସଂକଳ୍ପ ଯାତ୍ରା।

ଛତ୍ରପୁର ନିର୍ବାଚନ ମଣ୍ଡଳୀ ପ୍ରଚାର କମିଟି ମୁଖ୍ୟ ଭାବେ ହୁମ୍ମା ମଣ୍ଡଳ ସଭାପତି କୀର୍ତ୍ତନ ଦାସ ମନୋନୀତ ହୋଇଛନ୍ତି। ଏହି ପଦବୀ ରାଜ୍ୟ ସଭାପତି ଦେଇଥିବା ଦାସ ଗଣମାଧ୍ୟମକୁ ଜଣାଇଛନ୍ତି। ପଦବୀ ପାଇବା ପରେ ପ୍ରଚାର କମିଟି ମୁଖ୍ୟ ଦାସଙ୍କ ନେତୃତ୍ୱରେ ରବିବାରରୁ ବିଜୟ ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ହୁମ୍ମା ଖୁଖୁଆ ହାଟରୁ ଆରମ୍ଭ ହୋଇ ଏକ ଶୋଭାଯାତ୍ରାରେ ପାଲୁରୁ ଜଙ୍କସନରେ ଦଳୀୟ କର୍ମୀ ପହଞ୍ଚିବା ପରେ ସେଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଧରଣୀଧର ବେହେରା, ପୂର୍ବତନ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କର, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ପୂର୍ବତନ କାଉନସିଲର ଶରତ ବେହେରା, ସୁରେନ୍ଦ୍ର ସାହୁ, ତ୍ରିନାଥ ବେହେରା, ଶ୍ରୀଧର ବାଡ଼ତ୍ୟା, ସୁନାରାମ ନାୟକ, ତପନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପାଲୁରୁଗଡ଼ ଓ ଗଜପତି ନଗରରେ ମଧ ଦଳୀୟ ସଭା ଅନୁଷ୍ଠିତ ହୋଇଥିଲା।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ